ସେନ୍‌ସେକ୍ସ

ସେନ୍‌ସେକ୍ସ
୩୩,୯୧୭.୩୪ (+୬୦୧.୮୦)
ନିଫ୍‌ଟି:
୧୦,୪୨୧.୪୦ (+୧୯୪.୫୩)
ମିଡ୍‌କ୍ୟାପ୍:
୧୬,୧୦୮.୨୭ (+୧୨୧.୦୦)
ସ୍ମଲ୍‌କ୍ୟାପ୍:
୧୭,୪୦୩.୨୯(+୯୭.୩୭)
କ୍ରୁଡ୍ ଅଏଲ୍:
୪୦୨୫.୦୦ (+୮.୦୦)
ଡଲାର:୬୪.୮୮
ୟୁରୋ: ୮୦.୫୭
ପାଉଣ୍ଡ୍: ୯୦.୧୩
ୟେନ୍: ୦.୬୧
ଟପ୍ ଗେନର୍ସ ଆଣ୍ଡ ଲୁଜର୍ସ
ଭାରତୀ ଏୟାରଟେଲ୍
୪୨୦.୭୫ (+୪.୬୮%)
କୋଲ୍ ଇଣ୍ଡିଆ
୨୯୭.୮୦ (-୨.୨୬%)

ଚିଙ୍ଗୁଡ଼ି ଆମଦାନୀରେ ଆଣ୍ଟି-ଡମ୍ପିଂ ଫି' ଲାଗୁକଲା ଆମେରିକା

ଭୁବନେଶ୍ୱର,୧୨।୩/ଏଜେନ୍ସି: ଆମେରିକା ହେଉଛି ଭାରତ ରପ୍ତାନି କରୁଥିବା ସାମୁଦ୍ରିକ ଖାଦ୍ୟର ବୃହତ୍ତମ ବଜାର। ଆମେରିକାର ଡିପାର୍ଟମେଣ୍ଟ୍ ଅଫ୍ କମର୍ସ (ଡିଓସି) ଭାରତରୁ ରପ୍ତାନି ହେଉଥିବା ଚିଙ୍ଗୁଡ଼ି ଉପରେ ଆଣ୍ଟି-ଡମ୍ପିଂ ଡ୍ୟୁଟି ଯାହା ୦.୮୪% ଥିଲା ତାହାକୁ ତିନି ଗୁଣ ବଢ଼ାଇ ୨.୩୪% କରିଛି। ଆମେରିକାର ଡିଓସି ୨୦୧୬ ଫେବୃଆରୀ ପହିଲାରୁ ୨୦୧୭ ଜାନୁଆରୀ ୩୧ ତାରିଖ ମଧ୍ୟରେ କରିଥିବା ପ୍ରାଥମିକ ସମୀକ୍ଷାର ନିର୍ଯ୍ୟାସ ଅନୁଯାୟୀ ଭାରତରୁ ଆମଦାନୀ ଚିଙ୍ଗୁଡ଼ି ସେଠାକାର ବଜାରରେ ଧାର୍ଯ୍ୟଠାରୁ କମ୍ ଦରରେ ବିକ୍ରି ହେଉଥିଲା। ତେଣୁ ଆମେରିକାର ଘରୋଇ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ସୁରକ୍ଷା ଦେବା ଲକ୍ଷ୍ୟରେ ଭାରତରୁ ଆମଦାନୀ ଚିଙ୍ଗୁଡ଼ି ଉପରେ ଡିଓସି ଆଣ୍ଟି-ଡମ୍ପିଂ ଡ୍ୟୁଟି ବଢ଼ାଇଛି। ଭାରତରୁ ଦେବୀ ଫିସେରିଜ୍, ଲିବର୍ଟି ଗ୍ରୁପ୍, ଫାଲକନ୍ ମେରାଇନ୍ ଏକ୍ସପୋର୍ଟସ୍ ଆଦି ଅନେକ କମ୍ପାନୀ ଆମେରିକାକୁ ଚିଙ୍ଗୁଡ଼ି ଓ ଅନ୍ୟ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଥାନ୍ତି। ଆମେରିକାକୁ ମୁଖ୍ୟତଃ ଭାରତ, ଇଣ୍ଡୋନେସିଆ, ଥାଇଲ୍ୟାଣ୍ଡ ଓ ଭିଏତନାମ୍‌ରୁ ଚିଙ୍ଗୁଡ଼ି ରପ୍ତାନି ହୋଇଥାଏ। ଆମେରିକାର ଡିଓସି ଦେବୀ ଫିସେରିଜ୍ ପାଇଁ ଆଣ୍ଟି-ଡମ୍ପିଂ ଡ୍ୟୁଟି ୨.୩୪% ଧାର୍ଯ୍ୟ କରିଥିବା ବେଳେ ଲିବର୍ଟି ଗ୍ରୁପ୍ ପାଇଁ ତାହା୦% ରଖିଛି। ଆମେରିକାକୁ ଚିଙ୍ଗୁଡ଼ି ରପ୍ତାନି କରୁଥିବା ଅନ୍ୟ ସମସ୍ତ ଭାରତୀୟ କମ୍ପାନୀଙ୍କ ପାଇଁ ମଧ୍ୟ ବର୍ଦ୍ଧିତ ଆଣ୍ଟି-ଡମ୍ପିଂ ଡ୍ୟୁଟି ଲାଗୁ ହୋଇଛି। ତେବେ ଚୁଙ୍ଗୁଡ଼ି ଖାଦ୍ୟ ଉତ୍ପାଦନ କରୁଥିବା ଓ ଚିଙ୍ଗୁଡ଼ି ରପ୍ତାନି କରୁଥିବା କମ୍ପାନୀ ଅବନ୍ତୀ ଫିଡସ୍‌ର ପରିଚାଳନା ନିର୍ଦ୍ଦେଶକ ଏ ଇନ୍ଦ୍ର କୁମାର କହିଛନ୍ତି, ଭାରତରୁ ଆମଦାନୀ ଚିଙ୍ଗୁଫି ଉପରେ ଆଣ୍ଟି-ଡମ୍ପିଂ ଫି ବୃଦ୍ଧି ସମ୍ପର୍କିତ ଆମେରିକାର ଡିଓସିର ଘୋଷଣା ଚୂଡ଼ାନ୍ତ ନୁହେଁ। ଏହା ଏକ ପ୍ରାଥମିକ ଘୋଷଣା। ଗତବର୍ଷ ମଧ୍ୟ ଡିଓସି ଭାରତରୁ ଆମଦାନୀ ଚିଙ୍ଗୁଡ଼ି ଉପରେ ଆର୍ଟି-ଡମ୍ପିଂ ଫି ୧.୦୭% ଲାଗୁ ପାଇଁ ପ୍ରସ୍ତାବ ଦେଇଥବଲା ଯାହା ପରେ ୦.୮୪%କୁ ହ୍ରାସ ପାଇଥିଲା। ତେଣୁ ଆଣ୍ଟି-ଡମ୍ପିଂ ଫି ବୃଦ୍ଧି ଭାରତରୁ ଆମେରିକାକୁ ଚିଙ୍ଗୁଡ଼ି ରପ୍ତାନି କରୁଥିବା କମ୍ପାନୀଙ୍କ ବ୍ୟବସାୟକୁ ବିଶେଷ ପ୍ରଭାବିତ କରିବ ନାହିଁ। ଭାରତରେ ଚିଙ୍ଗୁଡ଼ି ଶିଳ୍ପର ବାର୍ଷିକ ଅଭିବୃଦ୍ଧି ହାର ୧୦ରୁ ୧୫% ରହିବା ଆକଳନ କରାଯାଉଛି। ସେପରି ସ୍ଥଳେ ୨୦୨୧ ବେଳକୁ ଭାରତରେ ଚିଙ୍ଗୁଡ଼ି ଉତ୍ପାଦନ ବାର୍ଷିକ ୮ଲକ୍ଷ ଟନ୍‌ରେ ପହଞ୍ଚିବା ସମ୍ଭାବନା ରହୁଛି।

ଆମେରିକାର ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ପାର୍ଟିର ୧୧ ଜଣ ସିନେଟର୍ ସି ଫୁଡ୍ ଇମ୍ପୋର୍ଟ ମନିଟରିଂ ପ୍ରୋଗ୍ରାମ୍ (ଏସ୍‌ଆଇଏମ୍‌ପି)ରେ ଚିଙ୍ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବା ସପକ୍ଷରେ ଅଛନ୍ତି। ତାହାହେଲେ ଆମେରିକାରେ ଚିଙ୍ଗୁଡ଼ି ଶିଳ୍ପ ଯେଉଁ ଷ୍ଟାଣ୍ଡାର୍ଡଗୁଡ଼ିକ ଅନୁଯାୟୀ କାର୍ଯ୍ୟ କରନ୍ତି ଆମେରିକାକୁ ଚିଙ୍ଗୁଡ଼ି ରପ୍ତାନି କରୁଥିବା କମ୍ପାନୀଗୁଡ଼ିକୁ ସମାନ ଷ୍ଟାଣ୍ଡାର୍ଡଗୁଡ଼ିକ ନିଶ୍ଚିତ ମାନିବାକୁ ପଡ଼ିବ। ଆମେରିକାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ଓ ଆମଦାନୀକୁ ନିରୁତ୍ସାହିତ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ଆମଦାନୀ ଶୁଳ୍କ ବଢ଼ାଉଛନ୍ତି।

ଭିଭୋ ପକ୍ଷରୁ ଡିଜିଟାଲ୍ ଅଭିଯାନ

ନୂଆଦିଲ୍ଲୀ,୧୨।୩/ଏଜେନ୍ସି: ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋ ପକ୍ଷରୁ ଏକ ଡିଜିଟାଲ ଅଭିଯାନ ଆରମ୍ଭ କରାଯାଇଥିଲା। ଏଥିରେ ମହିଳାଙ୍କ ଅଦମ୍ୟ ଉତ୍ସାହ ସମ୍ପର୍କରେ ପ୍ରଦର୍ଶିତ କରାଯାଇଛି। ଏହି ଅବସରରେ ମହିଳାଙ୍କ ଉପରେ ପର୍ଯ୍ୟବେକ୍ଷିତ ଦୁଇଟି ଶର୍ଟ ଫିଲ୍ମ ପ୍ରଦର୍ଶିତ ହୋଇଛି। ମହିଳାମାନେ ଭାରତରେ କିପରି ପୁରୁଷଙ୍କ ତୁଳନାରେ ଶିକ୍ଷା ଓ ଖେଳ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି, ତାହା ଏହି ଫିଲ୍ମରେ ଦର୍ଶାଯାଇଛି। ଏହି ଫିଲ୍ମରେ ଉଦାହରଣ ସୃଷ୍ଟିକରିଥିବା ମୀନା ପ୍ରଭାଭାଲକର ଏବଂ କାଞ୍ଚନ ଚିପ୍ଲୁଙ୍କର୍ ନାମକ ଦୁଇ ମହିଳା ଉପରେ ପର୍ଯ୍ୟବେକ୍ଷିତ। ମୀନା ଶିକ୍ଷାଦାନ ପାଇଁ ସଂଘର୍ଷ କରି ରାଇଘରରେ ଏକ ସ୍କୁଲ ସ୍ଥାପିତ କରିଥିବା କାଞ୍ଚନ ସାମାଜିକ ପ୍ରତିବନ୍ଧକର ସାମନା କରି ବକ୍ସିଂ କ୍ଷେତ୍ରରେ ଉଲେ୍ଲଖନୀୟ ସଫଳତା ହାସଲ କରିପାରିଛନ୍ତି। ଏହି ଅବସରରେ ଭିଭୋ ଇଣ୍ଡିଆର ସିଏମ୍‌ଓ କେନ୍ନି ଜେଙ୍ଗ୍ କହିଛନ୍ତି, "ଭିଭୋ ପକ୍ଷରୁ ସବୁବେଳେ ଅନନ୍ୟ ଉତ୍ପାଦକୁ ଅନ୍ତର୍ଭୁକ୍ତ କରିବାର ପ୍ରୟାସ କରାଯାଇଥାଏ। ଏହି ପରିପେକ୍ଷୀରେ ମହିଳା ଦିବସ ଅବସରରେ ଆମେ ଆରମ୍ଭ କରିଥିବା ସ୍ୱତନ୍ତ୍ର ଅଭିଯାନ ଦେଶର ଲୋକଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ମଧ୍ୟରେ ନବୀନ ପ୍ରେରଣାର ଉତ୍ସ ସୃଷ୍ଟି କରିବାକୁ ସକ୍ଷମ ହେବ।" ସୂଚନାଯୋଗ୍ୟ, ବିଶ୍ୱସ୍ତରରେ ସ୍ମାର୍ଟଫୋନ୍ ନିର୍ମାଣ କରୁଥିବା ଭିଭୋ ୨୦୧୪ ମସିହାରେ ଭାରତୀୟ ବଜାରରେ କାରବାର ଆରମ୍ଭ କରିଥିଲା। ଏହା ଇତିମଧ୍ୟରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି। ସମ୍ପ୍ରତି ଦେଶର ୨୨ ରାଜ୍ୟର ୪୦୦ରୁ ଅଧିକ ସହରରେ କମ୍ପାନୀର ୪୦୦ରୁ ଅଧିକ ସର୍ଭିସ୍ ସେଣ୍ଟର ରହିଛି। କମ୍ପାନୀ ମୁଖ୍ୟତଃ କ୍ୟାମେରା ଓ ମ୍ୟୁଜିକ୍‌କୁ ଗୁରୁତ୍ୱ ପ୍ରଦାନ କରିଥାଏ। ଏହା ଭାରତରେ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ ଭାବରେ ଖ୍ୟାତି ହାସଲ କରିଥିବାବେଳେ ୨୦୧୬ ଏବଂ ୨୦୧୭ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ପ୍ରୋତ୍ସାହକ ଥିଲା। ବିଶ୍ୱସ୍ତରରେ ଏହା ୨୦୧୮ ଏବଂ ୨୦୨୨ଫିଫା ବିଶ୍ୱକପ୍‌ର ପ୍ରୋତ୍ସାହକ ଭାବେ କାର୍ଯ୍ୟ କରିବା ପାଇଁ ଚୁକ୍ତିବଦ୍ଧ ହୋଇଛି।

'ଦି ବଡି ଶପ୍' ପକ୍ଷରୁ ମୂଲ୍ୟ ହ୍ରାସ ଘୋଷଣା



ନୂଆଦିଲ୍ଲୀ,୧୨।୩/ଏଜେନ୍ସି: ଏକ ଅଗ୍ରଣୀ ସୌନ୍ଦର୍ଯ୍ୟ ବ୍ରାଣ୍ଡ ଦି ବଡି ଶପ୍ ପକ୍ଷରୁ କମ୍ ମୂଲ୍ୟରେ ବିଭିନ୍ନ ପ୍ରସାଧନ ଉତ୍ପାଦର ବିକ୍ରି ଘୋଷଣା କରାଯାଇଛି। ଗତ ବର୍ଷରେ ବିୟୁଟି ଉପକରଣର ସମ୍ପ୍ରସାରଣ ଏବଂ ବଜାରରେ ନିଜର ବହୁଳ ମାତ୍ରାରେ ଉପସ୍ଥିତି ଜାହିର କରିବା ପାଇଁ ଏହି ବ୍ରାଣ୍ଡ ପକ୍ଷରୁ ଚଳିତ ବର୍ଷ ୩ଟି ବିଭାଗ ଏବଂ ୪ଟି ମୁଖ୍ୟ ଉତ୍ପାଦ ଯେପରିକି ଭିଟାମିନ ସି ଡେଲି ଗ୍ଲୋ କ୍ଲିନଜିଂ ପଲିସ୍, ଭିଟାମିନ ସି ଗ୍ଲୋ ବୁଷ୍ଟିଙ୍ଗ ମଷ୍ଟରାଇଜର, ବଡି ବଟର ଏବଂ ଡିଓଡ୍ରାଣ୍ଟ ମୂଲ୍ୟରେ ହ୍ରାସ କରାଯାଇଛି। ଏହି ମୂଲ୍ୟକୁ ଶତକଡା ୧୧ରୁ ୨୧ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇଛି। ବଡି ଶପ୍ ସର୍ବଦା ନିଜ ଗ୍ରାହକ ମାନଙ୍କ ପ୍ରତି ଉତ୍ସାହୀ ରହିଆସିଛି ଏବଂ ଭାରତରେ ଏହାର ବ୍ୟୟସାପେକ୍ଷ, ପ୍ରାକୃତିକ ଗୁଣରେ ପୂର୍ଣ୍ଣ, ୧୦୦ ପ୍ରତିଶତ ଭେଜିଟାରିଅନ ଉତ୍ପାଦ ପାଇଁ ୧୦ ବର୍ଷରୁ ଅଧିକ ସମୟ ଧରି ଅଗ୍ରଣୀ ସ୍ଥାନ ଗ୍ରହଣ କରିପାରିଛି। ଏହି ଅବସରରେ ଦି ବଡି ଶପ୍ ଇଣ୍ଡିଆର ସାଧରଣ ଅଧକ୍ଷ କୁମାରୀ କହିଛନ୍ତି, 'ବଡି ଶପ୍ ପରିବାର ସୌନ୍ଦର୍ଯ୍ୟ ଉପରେ ବିଶ୍ୱାସ କରିଥାଏ ଏବଂ ଉଚ୍ଚ ଗୁଣବତ୍ତାର ଉତ୍ପାଦ ଦ୍ୱାରା ଏହାର ବ୍ୟବହାରକୁ ସହଜସାଧ କରିବା ଏହାର ଲକ୍ଷ୍ୟ। କମ୍‌ରେ ଅଧିକ ଗ୍ଲୋ କରିବା, ସ୍କିନ କେୟାର, ବଡି କେୟାର ଏବଂ ଫ୍ରାଗନାନ୍ସରେ କମ୍ ମୂଲ୍ୟାଙ୍କନ ଦ୍ୱାରା ବିଭିନ୍ନ ବୟସର ଏବଂ ବିଭିନ୍ନ ଭୌଗଳିକ ସ୍ଥାନର ଗ୍ରାହକଙ୍କୁ ଏକ ବ୍ୟୟସାପେକ୍ଷ, ଉତ୍କୃଷ୍ଟ ବିୟୁଟି ଉତ୍ପାଦ ପ୍ରଦାନ କରିବା ପାଇଁ ଏହା ହେଉଛି ଏକ ଆରମ୍ଭ'।

ଇଲେକ୍ଟ୍ରିକ୍ ଭେହିକିଲ୍ ପାଇଁ ଆକ୍ସନ୍ ପ୍ଲାନ୍

ନୂଆଦିଲ୍ଲୀ,୧୨।୩/ଏଜେନ୍ସି: ଇଲେକ୍ଟ୍ରିକ୍ ଭେଇକିଲ୍ ପଲିସି ବଦଳରେ ଆକ୍ସନ୍ ପ୍ଲାନ୍‌କୁ ବିଧିବଦ୍ଧ ଭାବେ ଗୁରୁତ୍ୱ ଦିଆଯିବା ଆରମ୍ଭ କରାଯାଇଛି। ଏହି ପଲିସି ଅଗ୍ରାହ୍ୟ ହେବାର ଗୋଟିଏ ମାସ ପରେ, ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାପାଇଁ ନିତି ଆୟୋଗ କର୍ତ୍ତୃପକ୍ଷ ୭ ଟି ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗାଇଡ୍‌ଲାଇନ୍‌ସବୁର ତର୍ଜମା କରି ଇଲେକ୍ଟ୍ରିକ୍ ଭେହିକିଲ୍‌ଗୁଡ଼ିକୁ ପ୍ରୋତ୍ସାହନ ଦେବାପାଇଁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। କିଛି ଦିନ ପୂର୍ବରୁ ଲାଗୁ ହୋଇଥିବା ଇ-ଭେହିକିଲ୍ ପଲିସିରେ ଆକସ୍ମିକ ସ୍ଥାନାନ୍ତର ପାଇଁ ଏତେ କ୍ମ ସମୟରେ ପ୍ରସ୍ତୁତ ନଥିବାରୁ କିଛି କାର୍ ନିର୍ମାତା ଏହାକୁ ବିରୋଧ କରିଥିଲେ । ଏହି କାର୍ ନିର୍ମାତାମାନେ ଆହୁରି ମଧ୍ୟ କହିଥିଲେ ସମସ୍ତ ସ୍ୱଚ୍ଛ ଇନ୍ଧନ ଟେକ୍ନୋଲୋଜିକୁ ସରକାର ପ୍ରୋତ୍ସାହନ ଦେବା ଉଚିତ। ସରକାରଙ୍କ ନୂତନ ଯୋଜନା ବା ଗାଇଡଲାଇନ୍ ଇ-ଭେଇକିଲ୍ ପ୍ରଚଳନକୁ ବ୍ୟାପକ କରିବା ଦିଗରେ ସାହଯ୍ୟ କରିବ କିନ୍ତୁ ଏହା ପଲିସି ଭାବରେ ପ୍ରଚଳନ ନ ହୋଇପାରେ। ଗାଇଡଲାଇନ୍ ଏବଂ ଆକ୍ସନ୍ ପ୍ଲାନ୍ ଇ-ଭେଇକିଲର ପ୍ରୋତ୍ସାହନ ପାଇଁ ଯଥେଷ୍ଟ ହେବ ବୋଲି କୁହାଯାଉଛି। ଗାଇଡ୍ ଲାଇନ୍ ପ୍ରସ୍ତୁତ କରିବାପାଇଁ ଭାରୀ ଶିଳ୍ପ, ଶକ୍ତି, ଅକ୍ଷୟ ଶକ୍ତି, ସଡ଼କ ପରିବହନ ଆଦି ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ସଡ଼କ ପରିବହନ ମନ୍ତ୍ରଣାଳୟ ଅଣ ରାଜସ୍ୱ ପ୍ରୋତ୍ସାହନ ଓ ସାଧାରଣ ପରିବହନ ସମ୍ପର୍କରେ ଏବଂ ଶକ୍ତି ମନ୍ତ୍ରଣାଳୟ ଚାର୍ଜିଂ ଭିତ୍ତିଭୂମି ବିକାଶ ପାଇଁ ଗାଇଡଲାଇନ୍ ପ୍ରସ୍ତୁତ କରିବ। ଏହି ମନ୍ତ୍ରଣାଳୟ ଗୁଡ଼ିକ ଗାଇଡଲାଇନ୍ ପ୍ରସ୍ତୁତ କରିସାରିବା ପରେ ପ୍ରାୟ ୧୫ ଦିନ ପରେ ନିତି ଆୟୋଗ ନିକଟରେ ଉପସ୍ଥାପନା କରିବେ। ସରକାର ଇ-ଭେଇକିଲ ପ୍ରଚଳନ ଦିଗରେ ଯତ୍ନବାନ ଥିବାରୁ ପଲିସି ବଦଳରେ ଆକ୍ସନ୍ ପ୍ଲାନ୍‌କୁ ବାଛିଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ଜଣାଇଛନ୍ତି। ନିତି ଆୟୋଗର ଭୂମିକା ସମନ୍ୱୟ ରକ୍ଷାକାରୀ ହେବ। ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଗାଇଡଲାଇନ୍ ଠିକରେ ପାଳନ ହେଉଛି କି ନାହିଁ ଏବଂ ଏହାର ସମାଧାନର ବାଟ ବାହାର କରିବାର ଦାୟିତ୍ୱ ନିତି ଆୟୋଗ ଉପରେ ନ୍ୟସ୍ତ କରାଯାଇଛି। କିନ୍ତୁ ଏହି ଆକ୍ସନ୍ ପ୍ଲାନ ମାର୍ଚ୍ଚ ୩୧ରେ ସରିବାକୁ ଥିବା ଫେମ୍ (ଫାଷ୍ଟର ଅଡପ୍ଟେସନ୍ ଆଣ୍ଡ ମନୁଫ୍ୟାକ୍‌ଚରିଂ ଅଫ୍ ହାଇବ୍ରିଡ୍ ଆଣ୍ଡ ଇଲେକ୍ଟ୍ରିକ୍ ଭେଇକିଲ୍) ଯୋଜନାର ସ୍ଥାନ ନେବ କି ନାହିଁ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଏନ୍‌ଏସ୍‌ଡିସି ପକ୍ଷରୁ ସ୍କିଲ୍ ପ୍ରତିଯୋଗିତା

ଭୁବନେଶ୍ୱର,୧୨।୩/ଏନ୍‌ଏନ୍‌ଏସ୍: ଭାରତୀୟ ପ୍ରତିଭାମାନଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶିତ କରିବା ପାଇଁ ଏନ୍‌ଏସ୍‌ଡିସି ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ ହେଉଛି। ଏହି ଅବସରରେ ହସ୍ପିଟାଲିଟି ମ୍ୟାନେଜ୍‌ମେଣ୍ଟ୍ କାର୍ଯ୍ୟକ୍ରମ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ୍ ଠାରେ ଆୟୋଜିତ ହେବ। ଶିଳ୍ପ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସିଟିଟିସି ଠାରେ ଆୟୋଜିତ ହେବ। ଏନ୍‌ଏସ୍‌ଡିସ ପକ୍ଷରୁ ଦେଶର ୨୦ଟି ରାଜ୍ୟରେ ଭାରତୀୟ ସ୍କିଲ୍ ପ୍ରତିଯୋଗୀତା-୨୦୧୮ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରତିଯୋଗୀତା ୨୦୧୯ରେ ରୁଷିଆରେ ଆୟୋଜିତ ହେବ। ଏହି ପ୍ରତିଯୋଗୀତା ୨୦୧୧ଠାରୁ ଆରମ୍ଭ ହୋଇଛି। ପ୍ରତି ଦୁଇ ବର୍ଷରେ ଏହି ପ୍ରତିଯୋଗୀତା ଆୟୋଜିତ ହୋଇଥାଏ। ଚଳିତଥର ଭାରତରେ ଏହି ତାଲିମ୍ କାର୍ଯ୍ୟକ୍ରମରେ ୨୦ ରାଜ୍ୟର ପ୍ରତିନିଧି ଯୋଗ ଦେଇଛନ୍ତି। ଏହିପରିପ୍ରେକ୍ଷୀରେ ଟେକ୍ନିକାଲ ଡେସକ୍ରିପସନ୍ ଅଫ୍ ସ୍କିଲ୍, ଆସେସମେଣ୍ଟ ନର୍ମ, ଟେଷ୍ଟ ପ୍ରୋଜେକ୍ଟ, ପ୍ରତିଯୋଗିତା କିପରି କରାଯିବ ସେ ନେଇ ଆବଶ୍ୟକ ତାଲିମ୍ ପ୍ରଦାନ କରାଯିବ। ପୂର୍ବରୁ ଅନ୍ତଜାତୀୟ ସ୍ତରରେ ଏହି ପ୍ରତିଯୋଗୀତାରେ ଯୋଗ ଦେଇଥିବା ପ୍ରତିଯୋଗୀ ସେମାନଙ୍କର ଅଭିଜ୍ଞତା ପ୍ରକାଶ କରିବେ। ଦେଶର ବିଭିନ୍ନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରତିଯୋଗୀତାର ଆୟୋଜନ କରାଯାଇ ଆଞ୍ଚଳିକସ୍ତରର ପ୍ରତିଯୋଗୀଙ୍କୁ ଚୟନ କରାଯିବା ପରେ ସେମାନଙ୍କ ମଧ୍ୟରୁ ଜାତୀୟ ସ୍ତରୀୟ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ଏହି ଅବସରରେ ଇଣ୍ଡିଆ ସ୍କିଲ୍ କମ୍ପିଟେସନ୍‌ର ଇଡି ତଥା ସିଓଓ ଜୟନ୍ତ କ୍ରିଷ୍ଣା କହିଛନ୍ତି, 'ଗତବର୍ଷ ବିଶ୍ୱ ସ୍କିଲ୍ ପ୍ରତିଯୋଗୀତା ଆବୁଧାବିରେ ଆୟୋଜିତ ହୋଇଥିଲା। ଭାରତ ସେଠାରେ ଭଲ ପ୍ରଦର୍ଶନ କରିଥିଲା। ଚଳିତଥର ରୁଷିଆରେ ଭାରତୀୟ ପ୍ରତିଯୋଗୀ ନିଶ୍ଚିତ ଭଲ ପ୍ରଦର୍ଶନ କରିବାର ଆଶା ରହିଛି। ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ ପାଇଁ ମୁଁ ଯୁବବର୍ଗଙ୍କୁ ଆବେଦନ କରିବାକୁ ଆହ୍ୱାନ ଜଣାଉଛି।'

ଆମ ରାଜ୍ୟ

ଭଞ୍ଜ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଉଦ୍‌ଘାଟିତ

ବାଲିଅନ୍ତା,୧୨।୩/ଏନ୍‌ଏନ୍‌ଏସ୍ : କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦର ୨୧ତମ ବାର୍ଷିକ ଉତ୍ସବ ଜଗନ୍ନାଥପୁର ପଞ୍ଚାୟତ ଜୟରଶାସନ ପଞ୍ଚବଟୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ପାଲା ଗାୟକ ପରିଷଦର ଉପସଭାପତି ବିନାୟକ ରଥ ଉଦ୍‌ଘାଟନ କରିଥିଲେ। ଯୁଧିଷ୍ଠୀର ପରିଜାଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ତଥା ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବଚକ ଶ୍ରୀ ସନ୍ନ୍ୟାସୀ, ମଦନମୋହନ ଜେନା, ସରପଞ୍ଚ ରଶ୍ମିତା ସାହୁ, ଶେଖ କଲିମୁଦ୍ଦିନ, ଆଇନ୍‌ଜୀବୀ କବିନାରାୟଣ ଜେନା, ଲକ୍ଷ୍ମୀଧର ବେହେରା, ଅରୁପାନନ୍ଦ ରାଉତରାୟ, ପଣ୍ଡିତ ରବିନାରାୟଣ ପଣ୍ଡା, ସମାଜସେବୀ ଗଣେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଭଞ୍ଜଙ୍କ କାଳଜୟୀ ସାରସ୍ୱତ ସୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରିତା ମହାନ୍ତି, କେଲୁଚରଣ ଖୁଣ୍ଟିଆ, ସୁକାନ୍ତିବାଳା ସାହୁ, ହାଡ଼ିବନ୍ଧୁ ପଣ୍ଡାଙ୍କ ସମେତ ପଞ୍ଚବଟୀ ହାଇସ୍କୁଲର ୩ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ତ୍ରିନାଥ ମହାପାତ୍ର ଓ ପ୍ରତାପ କୁମାର ଦାଶଙ୍କ ଦ୍ୱାରା ପାଲା ପରିବେଷଣ ଓ ନାଟ୍ୟ ମନ୍ଦିର ଛାତ୍ରଛାତ୍ରୀଙ୍କଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା।

ଆସିଲେନି ଜିଆରଏସ୍, ହୋଇପାରିଲାନି ଗ୍ରାମସଭା

ନିଶ୍ଚିନ୍ତକୋଇଲି,୧୨।୩/ଏନ୍‌ଏନ୍‌ଏସ୍ : ନିଶ୍ଚିନ୍ତକୋଇଲି ଝାଡ଼େଶ୍ୱରପୁର ପଞ୍ଚାୟତ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ନଆସିବାରୁ ଆଜି ଗ୍ରାମସଭା ହୋଇପାରିନାହିଁ। ଫଳରେ ହିତାଧିକାରୀମାନେ ନିରାଶରେ ଫେରିଥିଲେ। ଗ୍ରାମସଭା ଗତ ୬ ରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହେବା ନିମନ୍ତେ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିଲା ବେଳେ ପଞ୍ଚାୟତର ଜିଆରଏସ୍ ରଞ୍ଜନ କୁମାର ପଣ୍ଡା ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ ଓ ବୈଠକରେ ଅନୁପସ୍ଥିତ ରହିଥିଲେ। ପଞ୍ଚାୟତର ରେଜୁଲେସନ ଖାତା ବଦଳରେ ଅନ୍ୟ ଏକ ଖାତାରେ ରେଜୁଲେସନ ଲେଖି ଶ୍ରୀ ପଣ୍ଡା ଭିଆରପିଙ୍କ ହାତରେ ପଞ୍ଚାୟତକୁ ପଠାଇଥିବାର ଅଭିଯୋଗ ହୋଇଛି। ଶ୍ରୀ ପଣ୍ଡା ଅନୁପସ୍ଥିତ ରହିଥିବାରୁ ସରପଞ୍ଚ ମହୋଦୟା ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନାର କୌଣସି କାଗଜ ପତ୍ର ଦେଖାଇ ପାରିନଥିଲେ। ଫଳରେ ସାମାଜିକ ସମୀକ୍ଷା ବୈଠକ ହୋଇ ପାରିନଥିଲା । ଏ ସମ୍ପର୍କରେ ଝାଡେଶ୍ୱରପୁର ସରପଞ୍ଚ ସୁଜାତା ଦାସ ରାଜ୍ୟ ପଞ୍ଚାୟତିରାଜ ସଚିବ, କଟକ ଜିଲ୍ଲାପାଳ, କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଓ ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଶ୍ରୀ ପଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଶ୍ରୀ ପଣ୍ଡା କୌଣସି ଛୁଟି ଦରଖାସ୍ତ ଦେଇନଥିବା ପ୍ରକାଶ କରିଥିଲେ।

ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଉଦ୍‌ଯାପିତ

କଣାସ,୧୨।୩/ଏନ୍‌ଏନ୍‌ଏସ୍: କଣାସ ବ୍ଲକ ଅନ୍ତର୍ଗତ ମନ୍ଦାରବସ୍ତ ହାଟ ବଜାର ଠାରେ ଗତ ୯ତାରିଖ ଠାରୁ ଆରମ୍ଭ ହୋଇଥିବା ମା' ତାରିଣୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଆଜି ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଅଙ୍କୁରାରୋପଣ, କଳସଯାତ୍ରା, ଶାଳାମଣ୍ଡନ, ଦେବତା ଆବାହନ ଓ ପୂଜନ, ଅଗ୍ନିସ୍ଥାପନ, ଆହୂତିପ୍ରଦାନ, ପୁଷ୍ପାଞ୍ଜଳି, ସନ୍ଧ୍ୟା ଆଳତି, ସୂର୍ଯ୍ୟପୂଜା, ଗୋପୂଜା, ଆବାହିତ ଦେବତା ପୂଜା, ଠାକୁରାଣୀଙ୍କ ମହାସ୍ନାନ ଓ ଶୟନ, ପ୍ରାଣପ୍ରତିଷ୍ଠା, ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି ହୋଇ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ୪ଦିନ ଧରି ପାଇକ ଆଖଡା, କୁନିକୁନି ପିଲାମାନଙ୍କ ଦ୍ୱାରା ଭଜନ ଓ ନୃତ୍ୟ ପରିବେଷଣ, ପ୍ରବଚନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସତ୍ୟରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜିଲ୍ଲାପାଳଙ୍କ ଜନଶୁଣାଣି, ୧୧୪ଟି ଅଭିଯୋଗର ସମାଧାନ

ଡେଲାଙ୍ଗ,୧୨।୩/ଏନ୍‌ଏନ୍‌ଏସ୍: ଡେଲାଙ୍ଗ ବ୍ଲକ୍ ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠ ଗୃହରେ ଅନୁଷ୍ଠିତ ହୋଇଯାଇଛି। ୧୧୪ଟି ବ୍ୟକ୍ତିଗତ ଓ ସାମୟିକ ଅଭିଯୋଗର ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଣାଣି କରାଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳ ମଧୁସୂଦନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଡା. ଉଦ୍ଧବ ଚରଣ ମାଝୀ, ବିଡିଓ ଅଜୟ କୁମାର ପରିଡ଼ା, ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ, ଆଡିସିନାଲ୍ ଏସ୍‌ପି, ଡେଲାଙ୍ଗ ଥାନା ଅଧିକାରୀ ଅସିତ୍ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଜନଶୁଣାଣି କାର୍ଯ୍ୟକ୍ରମରେ ଖାଦ୍ୟ ସୁରକ୍ଷା, ପାନୀୟଜଳ ଯୋଗାଣ, ଜଳ ନିଷ୍କାସନ, ପ୍ରଧାନମନ୍ତ୍ରୀ ଆବାସ, ପରିମଳ ପାଇଖାନା, ଗମନାଗମନ, ଶିକ୍ଷା ଆଦି ଦିଗରେ ଅଭିଯୋଗ ଆସିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିଯୋଗର ଶୁଣାଣି କରାଯାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଇଓ ଦ୍ୱିତୀ କାନ୍ତ ପ୍ରଧାନ, ଡିସିପି ସୌନ୍ଦର୍ଯ୍ୟ ମଞ୍ଜରୀ ଦାଶ, ତହସିଲଦାର ପବିତ୍ର ମୋହନ ଦାଶ, ସିଡିପିଓ କାମିନିପ୍ରଭା ସ୍ୱାଇଁ, ଜିଲ୍ଲା ଶିକ୍ଷାଧିକାରୀ ସଲିଳା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୁନିଦା ପଞ୍ଚାୟତରେ ହୋଇଥିବା ରାଜୀବ ସେବାକେନ୍ଦ୍ର ୧୦ ବର୍ଷ ବିତିଗଲା। ସେ ବାବଦରେ ଉକ୍ତ ଅର୍ଥରାଶି ଆଜି ସୁଦ୍ଧା ପାଇନଥିବା ପୂର୍ବତନ ସମିତିସଭ୍ୟ ଲଛମନ ଦଳାଇ ଅଭିଯୋଗ କରିଥିଲେ। ସେହିପରି ଆନ୍ଧ୍ରରୁ ବେପାରୀ ଆସି ଡେଲାଙ୍ଗ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରୁଥିବା ନେଇ ସିପିଆଇ ଏମ୍‌ଏଲ୍ ଅଶୋକ ପ୍ରଧାନ ଅଭିଯୋଗ କରିଥିଲେ। ଏନେଇ ଉପଜିଲ୍ଲାପାଳ ସମବାୟ ବିଭାଗର ଅଧିକାରୀଙ୍କୁ ଚାଷୀମାନେ କିପରି ସୁବିଧାରେ ମଣ୍ଡି ମାଧ୍ୟମରେ ଧାନ ଦେବେ ଏହା ଉପରେ ନଜର ରଖିବା ପାଇଁ କହିଥିଲେ। କୌଣସି ଅଭିଯୋଗ ଆସିଲେ ମିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ରାୟ, ସମିତିସଭ୍ୟ ଦୁର୍ଗାଚରଣ ରାଉତରାୟ, ବାସୁଦେବ ଜେନା, ପ୍ରସାଦିନୀ ଦୟଣା, ସରପଞ୍ଚ ପ୍ରତିମା ମଲିକ, କାଳିନ୍ଦୀ ଚରଣ ଜେନା, ନରେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ତୈଳିକ ବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ

ଚୌଦ୍ୱାର,୧୨।୩/ଏନ୍‌ଏନ୍‌ଏସ୍: ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶାଳଗାଁ ଭୟରପୁର ସାହିରେ ତୈଳିକ ବୈଶ୍ୟ ସମାଜର ୩୮ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସକାଳେ ସଂଗଠନର ପତାକା ଉତ୍ତୋଳନ ପରେ ବୈଶ୍ୟ ସମାଜର ସଭାପତି ଦୟାନିଧି ସାହୁଙ୍କ ପୌରୋହିତ୍ୟ ସମ୍ମିଳନୀରେ ଟାଙ୍ଗୀ-ଚୌଦ୍ୱାର ଅତିରିକ୍ତ ତହସିଲଦାର ନାରାୟଣ ସାହୁ, ନିଖିଳ ଉତ୍କଳ ତୈଳିକ ମହାସଭା ସଭାପତି ରଘୁନାଥ ସାହୁ, ଉପ ସଭାପତି ବିପ୍ରବର ସାହୁ, ତୈଳିକ ସମାଜ କଟକ ନଗର ସଭାପତି ଡ. ଉତ୍ତମ ଚରଣ ସାହୁ, ବିଜେଡ଼ିର ଚୌଦ୍ୱାର-କଟକ ସଂଯୋଜକ ଆରତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର ବିଜେଡ଼ି ସଭାପତି ପ୍ରେମଚାନ୍ଦ ନାୟକ, ପ୍ରଶାନ୍ତ ସାହୁ, ଭଗବାନ ସାହୁ, ପରମାନନ୍ଦ ସାହୁ, ଶରତ ଚନ୍ଦ୍ର ସାହୁ, ମଦନ ମୋହନ ସାହୁ, ସାହି ମୁରବୀ ବ୍ରଜବନ୍ଧୁ ସାହୁ, ବିଷ୍ଣୁ ଚରଣ ସାହୁ, ଶିବ ଚରଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ତୈଳିକ ସମାଜର ସାମାଜିକ, ଶୈକ୍ଷିକ, ସାଂସ୍କୃତିକ ତଥା ଆର୍ଥିକ ବିକାଶ ଦିଗରେ ବୈଶ୍ୟ ସମାଜର ବିଭିନ୍ନ ଉନ୍ନୟନ ଯୋଜନା ଓ ପଦକ୍ଷେପକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ କଲ୍ୟାଣ ପାଇଁ ସଂଗଠନ ବିଭିନ୍ନ ବିକାଶ କାର୍ଯ୍ୟ ହାତକୁ ନେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ଅଜୟ କୁମାର ସାହୁଙ୍କୁ 'କୁବେର ପୁତ୍ର' ସମ୍ମାନ ଓ ଚୌଦ୍ୱାର ନଗରପାଳିକାର ପୂର୍ବତନ ପୌରାଧ୍ୟକ୍ଷା ଆଶାଲତା ସାହୁଙ୍କୁ 'ସାଧବାଣୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭୟରପୁର ସାହିର ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ଟପ୍ପର ଛାତ୍ରଛାତ୍ରୀଙ୍କୁ ରଚି ମସଲା ପୁରସ୍କାର ଓ ଅସହାୟ ମହିଳାମାନଙ୍କୁ ଅସହାୟ ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇ ଥିଲା। ବିନୋଦିନୀ ସାହୁ ନାମକ ଜଣେ ମହିଳାଙ୍କୁ ସିଲେଇ ମେସିନ୍ ପ୍ରଦାନ କରାଯାଇଥିଲା। ଶେଷରେ ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୋପାଳ ଚନ୍ଦ୍ର ସାହୁ, ବିଜୟ କୁମାର ମହାପାତ୍ର, ପ୍ରତାପଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

କିଶନନଗର ବିକାଶ ମଞ୍ଚର ଧାରଣା

କିଶନନଗର,୧୨।୩/ଏନ୍‌ଏନ୍‌ଏସ୍: କଟକ ସଦର କିଶନନଗର ତହସିଲ୍ ଆଗରେ ସୋମବାର କିଶନନଗର ବିକାଶ ମଞ୍ଚ ଧାରଣାରେ ବସିଥିଲା। ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ନ ଦେବାରୁ ବାଧ୍ୟ ହୋଇ ଆଜି ବିଭିନ୍ନ ଦାବି ନେଇ ତହସିଲ୍ ଆଗରେ ଧାରଣା ଦିଆଯାଇଥିଲା। ଦାବି ଗୁଡ଼ିକ ମଧ୍ୟରେ, ବ୍ଲକ୍ ଗଠନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସବ୍ ରେଜିଷ୍ଟ୍ରି ଅଫିସ୍, ଦମକଳ କେନ୍ଦ୍ର, କଟକ ସଦର ନିର୍ବାଚନ ମଣ୍ଡଳୀକୁ କିଶନନଗର-କଟକ ନାମରେ ନାମିତ କରିବା, ଶିକ୍ଷା, ସମବାୟ ବ୍ୟବସ୍ଥାକୁ କଟକ ଜିଲ୍ଲାକୁ ଆଣି ସ୍ୱତନ୍ତ୍ର ବିଭାଗୀୟ କାର୍ଯ୍ୟାଳୟ ଖୋଲିବା, କିଶନନଗର ଷ୍ଟେଟ୍ ବ୍ୟାଙ୍କ୍ ଶାଖା, ଶିର୍ଲୋ ସେତୁ, ଦୀପାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପୁରୁଣାହାଟ, ଉତରକୂଳ ପ୍ରାଣୀ ଚିକିତ୍ସା ଉପକେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ଚିକିତ୍ସା କେନ୍ଦ୍ର କରିବା, ପୁରୁଣାହାଟରେ ବ୍ୟାଙ୍କ ସ୍ଥାପନ ଆଦି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ଧାରଣା ରେ ସଭାପତି ସୟଦ ସାଜିଦ ଅଲ୍ଲି ଓ ସାଧାରଣ ସମ୍ପାଦକ ସୀତାରାମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଭାଗ ନେଇଥିଲେ।

ଦଶଦୋଳ ମଣ୍ଡପରେ ବିଜେ ହେଲେ ଶ୍ରୀଜିଉ

କୃଷ୍ଣପ୍ରସାଦ,୧୨।୩/ଏନ୍‌ଏନ୍‌ଏସ୍: ଏହିବ୍ଲକ୍‌ର ଚିଲିକା ନୂଆପଡ଼ା ଗ୍ରାମରେ ପ୍ରସିଦ୍ଧ ଦଶଦୋଳ ମେଳଣ ନିମନ୍ତେ ଆଖପାଖ ଗ୍ରାମଗୁଡ଼ିକରୁ ଶ୍ରୀଜିଉମାନେ ସୁସଜ୍ଜିତ ବିମାନରେ ଆସି ମଣ୍ଡପରେ ବିଜେ କରିଛନ୍ତି। ପ୍ରଥମେ ଗ୍ରାମର ଆରାଧ୍ୟ ଶ୍ରୀଶ୍ରୀ ଗୁପ୍ତେଶ୍ୱର ଦେବଙ୍କୁ ପାଇକଖେଳ, ଘୋଡ଼ାନାଚ, ବାଘନାଚ, ନାଗାପ୍ରଭା ନାଚ ତଥା ରୋଷଣିରେ ମଣ୍ଡପ ବିଜେ କରାଇବା ପରେ ଅନ୍ୟ ଠାକୁରମାନେ ମଣ୍ଡପରେ ବିଜେ କରିଥିଲେ। ୪ ଦିନ ବ୍ୟାପୀ ଆୟୋଜିତ ମେଳଣରେ ମନୋରଞ୍ଜନ ପାଇଁ ବାଘାଯତୀନ ଲୋକନାଟ୍ୟ ମୁକ୍ତମଞ୍ଚରେ ନାଟକ ପରିବେଷଣ କରୁଥିବା ବେଳେ ୨ଟି ଭାରତଲୀଳା ପାର୍ଟି ମଧ୍ୟ ନୃତ୍ୟଗୀତ ପରିବେଷଣ କରୁଛନ୍ତି। ଏହା ବ୍ୟତୀତ ୫୦୦ ରୁ ଅଧିକ ଉଠାଦୋକାନୀ ବିଭିନ୍ନ ସାମଗ୍ରୀର ବ୍ୟବସାୟ ଖୋଲିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୁଲିସ୍ ନିୟୋଜିତ ଅଛନ୍ତି। ଆସନ୍ତା ବୁଧବାର ପ୍ରତ୍ୟୁଷରୁ ମେଳଣ କାର୍ଯ୍ୟରେ ସାମିଲ ହୋଇ ବିଭୁକୃପା ଲାଭ କରିବା ନିମନ୍ତେ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ବ୍ଲକ୍ ପରିସରରେ ଜଳଛତ୍ର ଖୋଲିଲା

ଡେଲାଙ୍ଗ,୧୨।୩/ଏନ୍‌ଏନ୍‌ଏସ୍: ଡେଲାଙ୍ଗ ବ୍ଲକ୍ ପରିସରରେ ମହିଳା ମହାସଂଘ ପକ୍ଷରୁ ଆଜି ଜଳଛତ୍ର ଖୋଲିଛି। ସଂଘ ସମ୍ପାଦିକା ବାସନ୍ତୀ ସାହୁଙ୍କ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୁରୀ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ଦାଶ ଉନ୍ମୋଚନ କରିଥିଲେ। ଉପଜିଲ୍ଲାପାଳ ମଧୁସୂଦନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଡା. ଉଦ୍ଧବ ଚରଣ ମାଝୀ, ବିଡିଓ ଅଜୟ କୁମାର ପରିଡ଼ା, ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍‌ର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ, ବସ୍‌ଷ୍ଟାଣ୍ଡ, ମେଳା ମହୋତ୍ସବ ଆଦି ସ୍ଥାନରେ ଆହୁରି ଜଳଛତ୍ର ଖୋଲାଯିବ ବୋଲି ମହିଳା ମହାସଂଘ ସମ୍ପାଦିକା ଶ୍ରୀମତୀ ସାହୁ କହିଥିଲେ।

ଧନୁଆଁ ମଣ୍ଡଳ ଭାଜପାର କାର୍ଯ୍ୟକାରିଣୀ ବୈଠକ

ନିମାପଡ଼ା,୧୨।୩/ଏନ୍‌ଏନ୍‌ଏସ୍ : ନିମାପଡ଼ା ବ୍ଲକ୍ ଭାଜପା ଧନୁଆଁ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ନାରାୟଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବାସୁଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ତଥା ନିମାପଡ଼ା ନିର୍ବାଚନ ମଣ୍ଡଳୀର ନେତ୍ରୀ ପ୍ରଭାତୀ ପରିଡ଼ା, ପ୍ରବକ୍ତା ସୁଦିପ୍ତ ରାୟ, ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଦଳର ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ବିଭୂତିଭୂଷଣ ମହାପାତ୍ର, ବିଜୟ ପଣ୍ଡା, ପ୍ରସନ୍ନ ଦାଶ, ମାନସ ପ୍ରଧାନ, ମିଳନ ମୁଖୀ, ସଞ୍ଜୟ କେତନ ମହାପାତ୍ର, ଗିରିଶ ଜେନା ପ୍ରମୁଖ ଯୋଗଦେଇ ଦଳର ସାଂଗଠନିକ ଅଭିବୃଦ୍ଧି ଉପରେ ଆଲୋଚନା କରିଥିଲେ।